EQUIFAX

sidbi

# ମାଇକ୍ରୋଫାଇନାନ୍ସ ପଲସ୍

ସଂଖ୍ୟା ୭- ନଭେମ୍ବର ୨୦୨୦



# ବିଶ୍ଲେଷଣାତ୍ମକ ଯୋଗାଯୋଗ :


## ଇକ୍ୟୁଫ୍ୟାକ୍ସ

କିରଣ ସମୁଦ୍ରାଲା
ଉପସଭାପତି – ବିଶ୍ଳେଷକ
kiran.samudrala@equifax.com

ଶ୍ରୁତି ଯୋଶୀ
ସହ ଉପସଭାପତି – ବିଶ୍ଳେଷକ
shruti.joshi@equifax.com

କ୍ଷୟାତି ଖଜୁରୀଆ
ସହାୟକ ପ୍ରବନ୍ଧକ-ବିଶ୍ଳେଷକ
khayati.khajuria@equifax.com

ବନ୍ଦନା ପାଞ୍ଚାଲ
ବରିଷ୍ଠ ପରିଚାଳକ – ବିଶ୍ଳେଷକ
vandana.panchal@equifax.com

## ସିଡ଼ବି

କୈଳାସ ଚନ୍ଦର ଭାନୁ
ମୁଖ୍ୟ ମହାପ୍ରବନ୍ଧକ– ଇଆରଡ଼ିଏଭି
erdav@sidbi.in

ରଙ୍ଗଦାସ ପ୍ରଭାବତୀ
ଉପ ମହାପ୍ରବନ୍ଧକ –ଇଆରଡ଼ିଏଭି
erdav@sidbi.in

ରମେଶ କୁମାର
ସହାୟକ ପ୍ରବନ୍ଧକ– ଇଆରଡ଼ିଏଭି
rameshk@sidbi.in

# ସୂଚୀପତ୍ର


- ପ୍ରମୁଖ ସାରାଂଶ ୦୩
- ସଂକ୍ଷେପକ ଏବଂ ଶବ୍ଦକୋଷ ୦୪
- ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଏକ ଅବଲୋକନ ୦୫
- ବିତରଣୀୟ ଗତିବିଧି ୦୮
- ଉଦ୍ୟୋଗ ବିପଦ ଆଶଙ୍କା ପ୍ରୋଫାଇଲ ୧୧
- ଭୌଗୋଳିକ ଦୃଷ୍ଟିପାତ ୧୩
- ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଏବଂ କୋଭିଡ୍-୧୯ ୧୬
- ଉଚ୍ଚଭିଳାଷୀ ଜିଲ୍ଲା ସମୂହ ୧୮
- ବିସ୍ତୃତ ରାଜ୍ୟ ସଂକ୍ଷିପ୍ତ ଟିପ୍ପଣୀ-ବିହାର ୨୧

# ପ୍ରମୁଖ ସାରାଂଶ

ଆମର ଏହି ନୂତନ ସମ୍ବାଦପତ୍ରକୁ ସ୍ୱାଗତ । ଆଶା କରୁଛୁ ଆମର ଏହି ସଂସ୍କରଣ ମାଇକ୍ରୋଫାଇନାନ୍ସ ଉଦ୍ୟୋଗରେ ରହିଥିବା ଅବିରତ ପରିବର୍ତ୍ତନଶୀଳ ଅଭିଜ୍ଞତା ଘଟଣାବଳୀ ଉପରେ ଆପଣମାନଙ୍କୁ ଅବଗତ କରାଇବ । ମାଇକ୍ରୋଫାଇନାନ୍ସ ପଲସ୍‌ର ଏହି ସପ୍ତମ ସଂସ୍କରଣ ବିତରଣୀୟ ଗତିବିଧି, ଭୌଗୋଳିକ ବିଶେଷତ୍ୱର ପରିବର୍ତ୍ତନ ସହିତ ଉଦ୍ୟୋଗରେ ଥିବା ସଂସ୍ଥାଗତ ଧାରା ଉପରେ ଆଲୋକପାତ କରିଅଛି ।

ସେପ୍ଟେମ୍ବର ୩୦, ୨୦୨୦ ସୁଦ୍ଧା ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ସେବା ସମୂହ ୬ କୋଟି ଧାରକଙ୍କର ଏକ ମୂଳଦୂଆ ସଂପୂର୍ଣ୍ଣ କରିପାରିଛି । ପୋର୍ଟଫୋଲିଓ ବକେୟା ଦୃଷ୍ଟିରୁ ଏହି ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ବର୍ଷ ରୁ ବର୍ଷ ୧୪% ର ଅଭିବୃଦ୍ଧି ଦେଖାଇପାରିଛି । ପୋର୍ଟଫୋଲିଓ ବକେୟା ହିସାବରେ ସେପ୍ଟେମ୍ବର ୩୦,୨୦୨୦ ସୁଦ୍ଧା ଏହି ମାଇକ୍ରୋଫାଇନାନ୍ସ ଉଦ୍ୟୋଗର ସ୍ଥିତି ୨,୨୭,୮୮୪/- କୋଟିରେ ରହିଛି । ପୋର୍ଟଫୋଲିଓ ବକେୟା କାରବାରରେ କ୍ଷୁଦ୍ର ଫାଇନାନ୍ସ ବ୍ୟାଙ୍କ (ଏସଏଫବି) ସମୂହ ସର୍ବାଧିକ ବର୍ଷ ରୁ ବର୍ଷ ୨୪%ର ଅଭିବୃଦ୍ଧି କରିପାରିଛି । ଏଠାରେ ବ୍ୟାଙ୍କର ଅବଦାନ ପୋର୍ଟଫୋଲିଓ ବକେୟା ହିସାବରେ ୪୧% ଥିବା ବେଳେ ଏନବିଏଫସି – ଏମଏଫଆଇ ସମୂହର ଯୋଗଦାନ ୩୧% ରହିଛି ।

ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଧିରେ ଧିରେ ନିଜର ସ୍ଥିତି ସୁଧାରିବାରେ ଲାଗିଛି, ଯେପରି ୯୨ ଲକ୍ଷ ଋଣ ଖାତା ଧାରକଙ୍କୁ ୩୨,୩୭୫ କୋଟି ଟଙ୍କାର ଋଣ ବିତରଣ ଜାନୁୟାରୀ- ସେପ୍ଟେମ୍ବର ୨୦୨୦ ଅବଧିରେ କରାଯାଇଥିଲା ଯାହା ଅମଜୁ'୨୦ ସମୟ ଅବଧି ଠାରୁ ୩୦୦ ଗୁଣ ଅଧିକ ଆକାର ଅନୁଯାୟୀ ଏବଂ ବିଶେଷ ଭାବରେ ଏହା ୩୯୩ ଗୁଣ ଅଟେ କେବଳ ମୂଲ୍ୟ ଉପରେ । ୭୦%ରୁ ଅଧିକ ଋଣ ୧୦,୦୦୦ରୁ ୫୦,୦୦୦ ଗୁଚ୍ଛ ପରିମାଣରେ ଯୋଗାଇ ଦିଆଯାଇଛି । ଜୁଅସେ'୧୯ରୁ ଜୁଅସେ'୨୦ ଆର୍ଥିକ ବର୍ଷରେ ୫% ଅଭିବୃଦ୍ଧି ହାରକୁ ଦୃଷ୍ଟିରେ ରଖି ଏଥିରେ ଏନବିଏଫସି-ଏମଏଫଆଇ ସମୂହ ସହିତ ସମାନ ଭାବରେ ତାଳଦେଇ ବ୍ୟାଙ୍କର ଅବଦାନ ଏହି ଋଣ ପ୍ରଦାନ କ୍ଷେତ୍ରରେ ସବୁ ତ୍ରୈମାସିକ ଠାରୁ ଯଥେଷ୍ଟ ଅଧିକ ଅଛି । ସବୁ ତ୍ରୈମାସିକ ମଧ୍ୟରେ ସେପ୍ଟେମ୍ବର ୨୦୨୦ ମୋଟ ଉପରେ ସବୁଠାରୁ ଅଧିକ ଅବହେଳିତ ୧୯.୮୩% ରହିଛି ।

ପାନ ଇଣ୍ଡିଆ ଦସ୍ତାବିଜ ଆଧାରରେ ପ୍ରମୁଖ ୯ଟି ରାଜ୍ୟର ୭୫%ରୁ ଅଧିକ ଅବଦାନ ରହିଛି । ପୋର୍ଟଫୋଲିଓ ବକେୟା / ବଳକା ଦୃଷ୍ଟିରୁ ତାମିଲନାଡୁ ଏବଂ ପଶ୍ଚିମବଙ୍ଗର ଯୋଗଦାନ ପ୍ରତ୍ୟେକ ୧୫% ରହିଛି । ୯୦ରୁ ଅଧିକ ଅବହେଳିତ ରାଜ୍ୟ ଅନୁସାରେ ତାମିଲନାଡୁ ଏବଂ ପଶ୍ଚିମବଙ୍ଗରେ କିଛି ସୁଧାର ଆସି ଯଥାକ୍ରମେ ଏହା ୦.୨୫% ଏବଂ ୦.୩୮% ହାରରେ ବୃଦ୍ଧି ପାଇଛି । ଉଚ୍ଚାଭିଳାଷୀ ଜିଲ୍ଲାର ଅବଦାନ ପାନ ଇଣ୍ଡିଆ ସନ୍ତୁଳିତ ବକେୟା/ ବଳକା ଯୋଗଦାନରେ ୧୨% ରହିଥିବା ବେଳେ ୯୦ରୁ ଅଧିକ ଅବହେଳିତଙ୍କ କ୍ଷେତ୍ରରେ ଏହା ୦.୩୫%ର ସୁଧାର ଆସିଛି ।

ପୋର୍ଟଫୋଲିଓ ବକେୟା ଆଧାରରେ ବିହାର ହେଉଛି ପାନ ଇଣ୍ଡିଆର ୩ୟ ପ୍ରମୁଖ ରାଜ୍ୟ ଯାହାର ପାନ ଇଣ୍ଡିଆରେ ୧୧% ଅଂଶ ଧନ ରହିଛି । ଋଣ ବିତରଣ ପରିମାଣ ସେପ୍ଟେମ୍ବର ୨୦୨୦ ପର୍ଯ୍ୟନ୍ତ ବିହାରରେ ୩୮,୨୦୯/- ଥିବା ବେଳେ ଏହା ପାନ ଇଣ୍ଡିଆ ଋଣ ବିତରଣଠାରୁ ୮% ଅଧିକ ଅଟେ ।

ଋଣ ବିତରଣ କ୍ଷେତ୍ରରେ ବ୍ୟାଙ୍କର ଉତ୍ସ ବିହାରରେ ସର୍ବାଧିକ ୪୨,୭୪୩/-ଟଙ୍କା ଥିବା ବେଳେ ଏସଏଫବିରେ ଏହି ପରିମାଣ କେବଳ ୪୧,୪୫୭/- ଟଙ୍କା ରହିଛି । ସେପ୍ଟେମ୍ବର ୨୦୨୦ ସୁଦ୍ଧା ଅବହେଳିତ ୯୦ ଯୁକ୍ତରେ ବିହାର ୦.୧୮% ରେ ରହିଛି ।

ବିଶ୍ୱର ପ୍ରତିକୋଣ ଅନୁକୋଣରେ କୋଭିଡ୍-୧୯ ମହାମାରୀ ସମସ୍ତ କାର୍ଯ୍ୟ ପ୍ରଣାଳୀକୁ ଅସ୍ତବ୍ୟସ୍ତ କରିପକାଇଛି । ଏହା କହିବା ବାହୁଲ୍ୟ, ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଗୁଡ଼ିକ ମଧ୍ୟ ଏଥିରେ ଭୀଷଣ ଭାବରେ ପ୍ରଭାବିତ ହୋଇଛନ୍ତି । ମହାମାରୀର ପ୍ରଭାବରେ ଋଣ ଉତ୍ସ ଭାବରେ ପରିଚିତ ପ୍ରମୁଖ ୫ଟି ରାଜ୍ୟ ଏହି ଋଣର ପରିମାଣ ଏବଂ ଋଣ ମୂଲ୍ୟ ଆଧାରରେ ଜୁଅସେ'୧୯ରେ ୫୬% ଥିବା ବେଳେ ସମାନ ଭାବରେ ସେହିକ୍ରମ ଜୁଅସେ'୨୦ରେ ୫୨% ଖସି ଆସିଛି ।

ଜୁଅସେ'୧୯ ଭିତରେ ୫ଟି ପ୍ରମୁଖ ରାଜ୍ୟ ୧୦୩ ଲକ୍ଷ ଋଣ ପ୍ରଦାନ କରିଛନ୍ତି । ସେହି ୫ଟି ପ୍ରମୁଖ ରାଜ୍ୟ ଜୁଅସେ'୨୦ରେ ୪୯ ଲକ୍ଷ ଋଣ ପ୍ରଦାନ କରିଛନ୍ତି ଯାହା ଜୁଅସେ'୧୯ ଅବଧିର ପ୍ରାୟ ୫୩% କମ୍ ପରିମାଣ ଅଟେ । ଦେଖିବାକୁ ଗଲେ ଜୁଅସେ'୧୯ରୁ ଜୁଅସେ'୨୦ରେ ଭିତରେ ଏହି ଋଣ ପ୍ରଦାନର ପରିମାଣ ପ୍ରାୟ ୫୦% ଖସି ଆସିଛି ।

# ସଂକ୍ଷେପକ ଏବଂ ଶବ୍ଦକୋଷ

- ATS ଏଟିଏସ (ହାରାହାରି ଟିକେଟ ଆକାର = ପ୍ରଦତ୍ତ ରକମ / ଋଣ ସଂଖ୍ୟା
- DPD ଡ଼ିପିଡ଼ି = ଅତୀତର ଦିନ ଗୁଡ଼ିକ
- Live POS or Borrowers or Active Loans ରହିଥିବା ଚ଼ଳନ୍ତି ଉଲ୍ଲେଖନୀୟ ନଥିପତ୍ର କିମ୍ବା ଋଣଦାତା କିମ୍ବା ସକ୍ରିୟ ଋଣ = 0ରୁ ୧୭୯ DPD ଅତିତର ଦିନ ଗୁଡ଼ିକ + ନୂତନ ଖାତା + ବର୍ତ୍ତମାନ ଖାତା
- MFI ଏମଏଫଆଇ = ମାଇକ୍ରୋଫାଇନାନ୍ସ ଉଦ୍ୟୋଗ
- POS  ପିଓଏସ = ପୋର୍ଟଫୋଲିଓ ବକେୟା
- UT ୟୁଟି = କେନ୍ଦ୍ର ଶାସିତ ଅଞ୍ଚଳ
- Aspirational District (AD) = ଉଚ୍ଚାଭିଳାଷୀ ଜିଲ୍ଲା ସମୂହ ଜିଲ୍ଲା ସମୂହ (ଯାହାର ବର୍ତ୍ତମାନ ସଂଖ୍ୟା ୧୧୭) ଯେଉଁମାନେ ଜାନୁୟାରୀ ୨୦୧୮ରେ ଭାରତ ସରକାରଙ୍କ ନୀତି ଆୟୋଗ ଦ୍ୱାରା ଚ଼ିହ୍ନଟ ହୋଇଛି, ଯାହା ମାନବ ବିକାଶ ପରିମାପକ ବୃଦ୍ଧିକୁ ଉନ୍ନତ କରିବା ପାଇଁ ରହିଅଛି ବଦଳରେ ଏହା ପରିମିଶ୍ରିତ ସୂଚ଼କ ଯେପରିକି ସ୍ୱାସ୍ଥ୍ୟ ଏବଂ ପୁଷ୍ଟିକର ଶିକ୍ଷା, କୃଷି ଏବଂ ଜଳ ସମ୍ପଦ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଦକ୍ଷତା ବିକାଶ ଏବଂ ମୌଳିକ ଭିତ୍ତିଭୂମି ଉପରେ ଆଧାରିତ ।

- ୧-୧୭୯ = ୧ରୁ ୧୭୯ ଅତୀତର ଦିନଗୁଡ଼ିକ / ଚ଼ଳନ୍ତି ପୋର୍ଟଫୋଲିଓ ବକେୟା
- ୧-୨୯ = ୧ରୁ ୨୯ ଅତୀତର ଦିନଗୁଡ଼ିକ / ଚ଼ଳନ୍ତି ପୋର୍ଟଫୋଲିଓ ବକେୟା
- ୩୦-୫୯ = ୩୦ରୁ ୫୯ ଅତୀତର ଦିନଗୁଡ଼ିକ / ଚ଼ଳନ୍ତି ପୋର୍ଟଫୋଲିଓ ବକେୟା
- ୬୦-୮୯ = ୬୦ରୁ ୮୯ ଅତୀତର ଦିନଗୁଡ଼ିକ / ଚ଼ଳନ୍ତି ପୋର୍ଟଫୋଲିଓ ବକେୟା
- ୯୦-୧୭୯ = ୯୦ରୁ ୧୭୯ ଅତୀତର ଦିନଗୁଡ଼ିକ / ଚ଼ଳନ୍ତି ପୋର୍ଟଫୋଲିଓ ବକେୟା
- ୩୦ରୁ ଅଧିକ ଅବହେଳିତ = ୩୦ -୧୭୯ ଅତୀତର ଦିନଗୁଡ଼ିକ / ଚ଼ଳନ୍ତି ପୋର୍ଟଫୋଲିଓ ବକେୟା
- ୯୦ରୁ ଅଧିକ = ୩୦ -୧୭୯ ଅତୀତର ଦିନଗୁଡ଼ିକ / ଚ଼ଳନ୍ତି ପୋର୍ଟଫୋଲିଓ ବକେୟା

- ଜୁଅସେ'୧୯ = ଜୁଲାଇ ୨୦୧୯ରୁ ସେପ୍ଟେମ୍ବର ୨୦୧୯ ତ୍ରୈମାସିକ
- ଅନଡ଼ି'୧୯ = ଅକ୍ଟୋବର ୨୦୧୯ରୁ ଡ଼ିସେମ୍ବର ୨୦୧୯ ତ୍ରୈମାସିକ
- ଜାଫେମା'୨୦ = ଜାନୁୟାରୀ ୨୦୨୦ରୁ ମାର୍ଚ୍ଚ ୨୦୨୦ ତ୍ରୈମାସିକ
- ଅମେଜୁ'୨୦ = ଅପ୍ରେଲ ୨୦୨୦ରୁ ଜୁନ ୨୦୨୦ ତ୍ରୈମାସିକ
- ଜୁଅସେ'୨୦ = ଜୁଲାଇ ୨୦୨୦ରୁ ସେପ୍ଟେମ୍ବର ୨୦୨୦ ତ୍ରୈମାସିକ

*ଟିପ୍ପଣୀ : ଆଂଚ଼ଳିକ ଭାଷା / ହିନ୍ଦୀ ସଂସ୍କରଣରେ ଲିଖିତ ବିଷୟବସ୍ତୁରେ କୌଣସି ବହୁଅର୍ଥବୋଧକ / ଅସାମଞ୍ଜସ୍ୟତା ପରିଲକ୍ଷିତ ହେଲେ ଇଂରାଜୀ ସଂସ୍କରଣରେ ସଂପୃକ୍ତ ବିଷୟବସ୍ତୁ / ପ୍ରସଙ୍ଗର ପ୍ରାଧାନ୍ୟ ରହିବ ।*

# ମାଇକ୍ରୋଫାଇନାନ୍ସ ଉଦ୍ୟୋଗ
# ଏକ ଅବଲୋକନ



MicrofinancePulse

# ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଏକ ଛାୟାଚିତ୍ର – ସେପ୍ଟେମ୍ବର ୩୦,୨୦୨୦

ସ୍ତମ୍ଭ - ୦୧




■ ବ୍ୟାଙ୍କସ୍ ■ ଏସଏଫବି ■ ଏନବିଏଫସି - ଅଣୁଅର୍ଥ ଶିଳ୍ପ ■ ଏନବିଏଫସି ■ ଅଣୁଅର୍ଥ ଶିଳ୍ପ ପାଇଁ ଲାଭଦାୟକ ନୁହେଁ

| ସେପ୍ଟେମ୍ବର ୩୦,୨୦୨୦ ସୁଦ୍ଧା ଛାୟାଚିତ୍ର | ବ୍ୟାଙ୍କସ୍ | ଏସଏଫବି ସମୂହ | ଏନବିଏଫସି – ଏମଏଫଆଇ ସମୂହ | ଏନବିଏଫସି ସମୂହ | ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ପାଇଁ ଲାଭଦାୟକ ନୁହେଁ | ଉଦ୍ୟୋଗ ସମୂହ |
|---|---|---|---|---|---|---|
| ଅଦ୍ୱିତୀୟ ସଦ୍ୟ ଋଣଦାତା (‘୦୦୦) | ୨୫,୩୨୦ | ୧୪,୪୨୩ | ୨୪,୭୨୯ | ୭,୭୯୧ | ୭୮୧ | ୭୩,୦୪୪ |
| ଚ଼ଳନ୍ତି ଋଣ ସମୂହ (‘୦୦୦) | ୩୬,୭୨୬ | ୨୦,୩୨୯ | ୩୬,୧୭୭ | ୮,୫୮୦ | ୧,୦୫୨ | ୧୦୨,୮୬୪ |
| ପୋର୍ଟଫୋଲିଓ (କୋଟି ଟଙ୍କାରେ) | ୯୩,୪୧୦ | ୪୨,୬୮୨ | ୭୦,୧୪୨ | ୧୯,୮୩୮ | ୧,୭୭୨ | ୨୨୭,୮୪୪ |
| ବିତରଣ ପରିମାଣ (କୋଟି ଟଙ୍କାରେ) – ଜୁଅସେ ’୨୦ | ୧୭,୩୦୧ | ୪,୪୧୧ | ୯,୦୫୧ | ୧,୧୭୨ | ୪୪୦ | ୩୨,୩୭୫ |
| ହାରାହାରୀ ଟିକେଟ୍ ଆକାର (ଟଙ୍କା) ଜୁଅସେ ’୨୦ | ୩୮,୮୬୨ | ୩୧,୬୭୮ | ୩୧,୯୫୬ | ୩୨,୦୦୬ | ୨୯,୭୧୯ | ୩୫,୨୨୫ |
| ୩୦ରୁ ଅଧିକ ଅବହେଳିତ (ଚ଼ଳନ୍ତି ପୋର୍ଟଫୋଲିଓ) | ୬.୦୩% | ୨.୭୯% | ୪.୨୧% | ୨.୦୪% | ୧.୩୪% | ୪.୪୮% |
| ୯୦ରୁ ଅଧିକ ଅବହେଳିତ (ଚ଼ଳନ୍ତି ପୋର୍ଟଫୋଲିଓ) | ୦.୩୯% | ୦.୨୬% | ୧.୨୫% | ୦.୩୫% | ୦.୫୩% | ୦.୬୩% |

ସାରଣୀ – ୧

- ବକେୟା ପୋର୍ଟଫୋଲିଓ ଥିବା ଶିଳ୍ପ ପାଇଁ ସେପ୍ଟେମ୍ବର ୩୦,୨୦୨୦ ସୁଦ୍ଧା ୨୨୭, ୮୪୪ କୋଟି ଅଛି ଏଥିସହିତ ବ୍ୟାଙ୍କ ଦ୍ୱାରା ପରିଚ଼ାଳିତ ମାଇକ୍ରୋଫାଇନାନ୍ସ ଉଦ୍ୟୋଗର ୪୧% ବଜାର ଅଂଶଧନରେ ଅଗ୍ରଣୀ ରହିଛି ।
- ଜୁଅସେ’୨୦ ତ୍ରୈମାସିକ ପାଇଁ ମୂଲ୍ୟ ଦ୍ୱାରା ବିତରଣର ପରିମାଣ ୩୨,୩୭୫ କୋଟିରେ ରହିଛି ତ୍ରୈମାସିକରୁ ତ୍ରୈମାସିକ ବୃଦ୍ଧି ଅନୁସାରେ ଯାହା ପଞ୍ଜିକରଣ ହୋଇଛି ଲକ୍‌ଡ଼ାଉନ ତ୍ରୈମାସିକ (ଅମେଜୁ’୨୦)ରେ । ଏହି ବିତରଣ ଜୁନ ୨୦ରୁ ୬୦୪୦ କୋଟି ବୃଦ୍ଧି ପାଇ ସେପ୍ଟେମ୍ବର ୨୦ରେ ଏହା ୧୨,୭୨୪ କୋଟିରେ ପହଞ୍ଚିଛି ।
- ବିତରଣର ଏହି ପୁରଭାଗରେ ବ୍ୟାଙ୍କରେ ବୃଦ୍ଧି ପାଇଛି ଯାହା ୫୩% ପୁଞ୍ଜି ଏହି ଜୁଅସେ’୨୦ ତ୍ରୈମାସିକରେ ବିତରଣ କରିଛି ।
- କୋଭିଡ଼-୧୯ ପରବର୍ତ୍ତୀ ସମୟ ମଧ୍ୟ ଲକ୍‌ଡ଼ାଉନ ସ୍ଥିତିକୁ ଜାରି ରଖିଛି । ଶିଳ୍ପଗତ ପ୍ରଦତ୍ତର ରକମର ସଂଖ୍ୟା ଜୁଅସେ’୨୦ ତ୍ରୈମାସିକ ପାଇଁ ଯାହା ଦେଖାଉଛି ସେଥିରେ ରହିଛି, ଜାଫେମା’୨୦ ତ୍ରୈମାସିକ ଶିଳ୍ପଗତ ପ୍ରଦତ୍ତ ରକମ ତୁଳନାରେ ଏଥିରେ ୯୬%ର ଆଦାୟ ହୋଇପାରିଛି ।
- ବ୍ୟାଙ୍କ ସର୍ବାଧିକ ସ୍ତରରେ ୩୮,୮୬୨ ଟଙ୍କାର ପରିଚ଼ାଳନା କରିଛି- ଯାହା ଶିଳ୍ପଗତ ପ୍ରଦତ୍ତ (୩୫,୨୨୫ ଟଙ୍କା) ଠାରୁ ସେପ୍ଟେମ୍ବର ୩୦,୨୦୨୦ ସୁଦ୍ଧା ୧୦% ଅଧିକ ।
- ଏନବିଏଫସି – ମାଇକ୍ରୋଫାଇନାନ୍ସ ଉଦ୍ୟୋଗରେ ସର୍ବାଧିକ ୯୦+ ଅବହେଳିତର ପଞ୍ଜିକୃତ ହୋଇଛି ଯାହା ସେପ୍ଟେମ୍ବର ୨୦୨୦ ସୁଦ୍ଧା ୧.୨୫% ଅଟେ ।

**ଟିପ୍ପଣୀ :** ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ବିଭାଗରେ ୬କୋଟିର ଅଦ୍ୱିତୀୟ ଚ଼ଳନ୍ତି ଉଧାରୀଦାତା ଅଛନ୍ତି । ଗ୍ରାହକଙ୍କର ଅଦ୍ୱିତୀୟ ସଂଖ୍ୟାର ଅମ୍ଳେକର ମୁଖ୍ୟ କାରଣ ମଧ୍ୟରେ ରହିଛି ଗ୍ରାହକମାନେ ବିଭିନ୍ନ ପ୍ରକାର ଅନୁଷ୍ଠାନ ସହିତ ସମ୍ପର୍କରେ ଅଛନ୍ତି ଯାହା ମଧ୍ୟରେ ରହିଛି ଏସଏଫବି ସମୂହ, ବ୍ୟାଙ୍କ ସମୂହ, ଏନବିଏଫସି-ଏମଏଫଆଇ ସମୂହ, ଏନଏଫସି ସମୂହ ଏବଂ ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ପାଇଁ ଲାଭଦାୟକ ନୁହେଁ ଇତ୍ୟାଦି ।

# ମାଇକ୍ରୋଫାଇନାନ୍ସ ଉଦ୍ୟୋଗର ସାଧାରଣ ସମୀକ୍ଷା

ସ୍ତମ୍ଭ-୦୨

ଉଧାରଦାତା ପ୍ରକାର ଦ୍ୱାରା ବଜାର ଅଂଶଧନର ଗତିବିଧି




ବକେୟା ପୋର୍ଟଫୋଲିଓ (କୋଟିରେ)

| ବିଷୟବସ୍ତୁ | ସେପ୍ଟେମ୍ବର'୧୯ | ଡ଼ିସେମ୍ବର'୧୯ | ମାର୍ଚ୍ଚ'୨୦ | ଜୁନ'୨୦ | ସେପ୍ଟେମ୍ବର'୨୦ |
|---|---|---|---|---|---|
| ବ୍ୟାଙ୍କ ସମୂହ | ୮୦,୫୨୬ | ୮୩,୨୨୫ | ୯୦,୬୪୩ | ୯୧,୯୨୨ | ୯୩,୪୧୦ |
| ଏସଏଫବି ସମୂହ | ୩୪,୨୯୦ | ୩୬,୬୩୯ | ୪୦,୫୩୯ | ୩୯,୨୨୫ | ୪୨,୬୮୨ |
| ଏନବିଏଫସି – ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ସମୂହ | ୬୩,୩୯୪ | ୬୭,୧୦୪ | ୭୪,୭୭୧ | ୭୧,୩୪୨ | ୭୦,୧୪୨ |
| ଏନବିଏଫସି ସମୂହ | ୧୯,୫୦୮ | ୧୯,୪୧୫ | ୨୦,୨୨୫ | ୧୯,୮୭୫ | ୧୯,୮୩୮ |
| ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଯାହା ଲାଭ ପାଇଁ ନୁହେଁ | ୧,୯୭୦ | ୧,୮୦୨ | ୧,୮୯୬ | ୧,୮୪୧ | ୧,୭୭୨ |
| ଉଦ୍ୟୋଗ ସମୂହ | ୧୯୯,୬୮୮ | ୨୦୮,୬୮୬ | ୨୨୮,୦୭୪ | ୨୨୪,୨୦୫ | ୨୨୭,୮୪୪ |
| ତ୍ରୈମାସିକରୁ ତ୍ରୈମାସିକ ବୃଦ୍ଧିର ହାର% | - | ୫% | ୯% | -୨% | ୨% |

ସାରଣୀ – ୨

- ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ସେପ୍ଟେମ୍ବର ୨୦୧୯ରୁ ସେପ୍ଟେମ୍ବର ୨୦୨୦ ସୁଦ୍ଧା ୧୪%ର ବୃଦ୍ଧି ପାଇଛି ।
- ବର୍ଷରୁ ବର୍ଷ ବୃଦ୍ଧି ସହିତ ଏସଏଫବି ପରିଚ଼ାଳିତ ସର୍ବାଧିକ ପୋର୍ଟଫୋଲିଓର ବୃଦ୍ଧି ସେପ୍ଟେମ୍ବର ୨୦୧୯ରୁ ସେପ୍ଟେମ୍ବର ୨୦୨୦ ମଧ୍ୟରେ ୨୪% ଥିଲା ବେଳେ ଏହି ବୃଦ୍ଧିର ହାର ଜୁନ ୨୦୨୦ରୁ ସେପ୍ଟେମ୍ବର ୨୦୨୦ ମଧ୍ୟରେ ୯% ରହିଛି ।
- ଜୁନ ୨୦୨୦ ମଧ୍ୟରେ ବକେୟା ପୋର୍ଟଫୋଲିଓରେ ଦେଖା ଦେଇଥିବା ହ୍ରାସ କେବଳ ନୂତନ ଋଣ ନ ହେବା କାରଣରୁ ଏହି ସମୟରେ ଦେଖାଦେଇଥିଲା, ଯାହାକି ମହାମାରୀ ଦ୍ୱାରା ଆସିଥିବା ଲକଡ଼ାଉନ ଯୋଗୁଁ ଅନୁମାନ କରାଯାଇପାରେ ।

# ବିତରଣୀୟ ଗତିବିଧି



MicrofinancePulse

# ବିତରଣୀୟ ଗତିବିଧି - ଅନୁଷ୍ଠାନ ଭିତ୍ତିକ

ସ୍ତମ୍ଭ-୦୩

ଉଧାରଦାତା ପ୍ରକାର ଦ୍ୱାରା ବଜାର ଅଂଶଧନ ଗତିବିଧି




ଋଣ ବିତରଣ ସଂଖ୍ୟା (ଲକ୍ଷରେ)

| ଉଧାରଦାତା ପ୍ରକାର | ଜୁଅସେ’୧୯ | ଅନଡ଼ି’୧୯ | ଜାଫେମା’୨୦ | ଅମେଜୁ’୨୦ | ଜୁଅସେ’୨୦ |
|---|---|---|---|---|---|
| ବ୍ୟାଙ୍କ ସମୂହ | ୬୮ | ୭୪ | ୮୩ | ୧୪ | ୪୫ |
| ଏସଏଫବି ସମୂହ | ୩୧ | ୩୩ | ୩୩ | ୬ | ୧୪ |
| ଏନବିଏଫସି - ଅଣୁଅର୍ଥ ପ୍ରତିଷ୍ଠାନ ସମୂହ | ୭୦ | ୭୦ | ୭୨ | ୨ | ୨୮ |
| ଏନବିଏଫସି ସମୂହ | ୧୩ | ୧୨ | ୧୧ | ୦ | ୪ |
| ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଯାହା ଲାଭ ପାଇଁ ନୁହେଁ | ୨ | ୩ | ୨ | ୧ | ୧ |
| ଉଦ୍ୟୋଗ ସମୂହ | ୧୮୪ | ୧୯୨ | ୨୦୧ | ୨୩ | ୯୨ |

ସାରଣୀ – ୩

- ସମଗ୍ର ଦେଶରେ ଲକ୍‌ଡ଼ାଉନ ସ୍ଥିତି କାରଣରୁ ଅମେଜୁ’୨୦ ତ୍ରୈମାସିକର ବିତରଣୀୟ ସ୍ଥିତି ୬,୬୬୫ କୋଟିକୁ ଖସି ଆସିଥିଲା ।
- ଲକ୍‌ଡ଼ାଉନ ସମୟରେ ବ୍ୟାଙ୍କ ତଥା ଏହି ଏମଏଫବିର ସର୍ବାଧିକ ବିତରଣ ଅବଦାନ ଯଥାକ୍ରମେ – ୬୭% ଏବଂ ୨୨% ରହିଅଛି ।
- ଏହି ବିତରଣର ମୂଲ୍ୟଗତ ଧାରା ଅମେଜୁ’୨୦ରୁ ଜୁଅସେ’୨୦ ତ୍ରୈମାସିକର ହିସାବଠାରୁ ଜୁଅସେ’୨୦ ତ୍ରୈମାସିକରେ ଅତି ନଗଣ୍ୟ ଭାବରେ ଉଦ୍ଧାର ହୋଇଥିଲା ଅନୁମାନ କରାଯାଇଥିଲା ଯାହାର ବୃଦ୍ଧି କେବଳ ମାତ୍ର ୩୦% ଥିଲା ।
- ବିତରଣ ବୃଦ୍ଧି ମୂଲ୍ୟ ହିସାବରେ ଅମେଜୁ’୨୦ରୁ ଜୁଅସେ’୨୦ ତ୍ରୈମାସିକ ମଧ୍ୟରେ ୩୦୦%ର ପଞ୍ଜିକୃତ ହୋଇଛି ।

**ଟିପ୍ପଣୀ :** ବିତରଣୀୟ ଗତିବିଧି ମୌଳିକ ଡ଼ାଟାକୁ ସଠିକ୍ କରିବା ସହିତ ସେପ୍ଟେମ୍ବର ୩୦,୨୦୨୦ ପର୍ଯ୍ୟନ୍ତ ଏହାକୁ ବ୍ୟୁରୋରେ ଉପସ୍ଥାପିତ କରିଛି ।

# ଉଦ୍ୟୋଗ ଟିକେଟ ଆକାରର ଗତିବିଧି

ସ୍ତମ୍ଭ-୦୪

ଋଣ ବିତରଣ ସଂଖ୍ୟା (ଲକ୍ଷରେ)




ଋଣ ବିତରଣ ସଂଖ୍ୟା (ଲକ୍ଷରେ)

| ଋଣ ପରିମାଣ | ଜୁଅସେ'୧୯ | ଅନଡି'୧୯ | ଜାଫେମା'୨୦ | ଅମେଜୁ'୨୦ | ଜୁଅସେ'୨୦ | ବର୍ଷକୁ ବର୍ଷ ବୃଦ୍ଧିର ଶତକଡ଼ା ହାର |
|---|---|---|---|---|---|---|
| ୦,୦୦୦ - ୧୦,୦୦୦ | ୧୧ | ୧୦ | ୯ | ୨ | ୪ | -୬୪% |
| ୧୦,୦୦୦ - ୨୦,୦୦୦ | ୧୪ | ୧୩ | ୧୨ | ୧୧ | ୧୬ | ୧୪% |
| ୨୦,୦୦୦ - ୩୦,୦୦୦ | ୫୦ | ୪୮ | ୪୬ | ୨ | ୧୭ | -୬୬% |
| ୩୦,୦୦୦ - ୪୦,୦୦୦ | ୬୦ | ୬୨ | ୬୩ | ୩ | ୨୧ | -୬୫% |
| ୪୦,୦୦୦ - ୫୦,୦୦୦ | ୨୫ | ୨୯ | ୩୩ | ୨ | ୧୬ | -୩୬% |
| ୫୦,୦୦୦ - ୬୦,୦୦୦ | ୧୦ | ୧୫ | ୧୯ | ୨ | ୯ | -୧୦% |
| ୬୦,୦୦୦ + | ୧୩ | ୧୫ | ୧୯ | ୨ | ୯ | -୩୧% |
| ସମୁଦାୟ | ୧୮୪ | ୧୯୨ | ୨୦୧ | ୨୩ | ୯୨ | -୫୦% |
| ତ୍ରୈମାସିକରୁ ତ୍ରୈମାସିକ ଋଣ ବିତରଣ ବୃଦ୍ଧିର %ହାର | - | ୪% | ୫% | -୮୯% | ୩୦୦% | - |
| ସର୍ବଭାରତୀୟ ପ୍ରଦତ୍ତ ଋଣ ପରିମାଣ (ଟଙ୍କାରେ) | ୩୩,୪୦୪ | ୩୪,୮୧୪ | ୩୬,୭୪୮ | ୨୮,୦୫୯ | ୩୫,୨୨୫ | ୫% |
| ତ୍ରୈମାସିକରୁ ତ୍ରୈମାସିକ ପ୍ରଦତ୍ତ ଋଣ ପରିମାଣ ବୃଦ୍ଧିର ହାର | - | ୪% | ୬% | -୨୪% | ୨୬% | - |

ସାରଣୀ-୦୪

- ଲକଡ଼ାଉନ ସମୟ ବା ଅମେଜୁ'୨୦ ତ୍ରୈମାସିକରେ ୧୦-୨୦ ହଜାର ଋଣ ପରିମାଣ ଚାହିଦା (୪୭% ବଜାର ସେୟାର) ଉପରକୁ ଉଠିଥିଲା ।
- ଅନ୍ୟାନ୍ୟ ଟିକେଟ ଆକାର ଋଣ ଠାରୁ ୧୦-୨୦ ହଜାର ଟିକେଟ ଆୟତନ ଋଣ ପରିମାଣର ସର୍ବାଧିକ ପଞ୍ଜିକୃତ ଋଣର ପରିମାଣ ବର୍ଷକୁ ବର୍ଷ ୧୪% ବୃଦ୍ଧି ହୋଇଛି ।
- ଜୁଅସେ'୨୦ ତ୍ରୈମାସିକରେ ବର୍ଷକୁ ବର୍ଷ ଶିଳ୍ପ ଋଣ ପରିମାଣରେ ୫% ବୃଦ୍ଧି ପାଇଛି ।
- ତ୍ରୈମାସିକରୁ ତ୍ରୈମାସିକ ଶିଳ୍ପ ଋଣ ପରିମାଣ କ୍ଷେତ୍ରରେ ୨୬% ବୃଦ୍ଧି ଅମେଜୁ'୨୦ରୁ ଜୁଅସେ'୨୦ ତ୍ରୈମାସିକରେ ପ୍ରତିଫଳିତ ହୋଇଛି । ମୋଟାମୋଟି ଭାବରେ ଏହି ତ୍ରୈମାସିକ ବୃଦ୍ଧିର ପରିମାଣ ୪%ରୁ ୬% ମଧ୍ୟରେ ବୃଦ୍ଧି ପ୍ରାପ୍ତ ହୋଇଛି ।

# ଉଦ୍ୟୋଗ ବିପଦ ଆଶଙ୍କା
# ପ୍ରୋଫାଇଲ



# ଉଦ୍ୟୋଗ ବିପଦ ଆଶଙ୍କା ପ୍ରୋଫାଇଲ

ସ୍ତମ୍ଭ-୦୫

ଅବହେଳିତ ଅତୀତର ଦିନଗୁଡ଼ିକ ଦ୍ୱାରା




ଅବହେଳିତ ଅତୀତର ଦିନଗୁଡ଼ିକ ଦ୍ୱାରା

| ଉପସ୍ଥାପିତ ତ୍ରୈମାସିକ | ୧-୨୯ ଅତୀତର ଦିନଗୁଡ଼ିକ | ୩୦-୫୯ ଅତୀତର ଦିନଗୁଡ଼ିକ | ୬୦-୮୯ ଅତୀତର ଦିନଗୁଡ଼ିକ | ୬୦-୧୭୯ ଅତୀତର ଦିନଗୁଡ଼ିକ | ୧-୧୭୯ ଅତୀତର ଦିନଗୁଡ଼ିକ |
|---|---|---|---|---|---|
| ସେପ୍ଟେମ୍ବର'୧୯ | ୧.୩୧% | ୦.୩୮% | ୦.୨୪% | ୦.୪୩% | ୨.୩୬% |
| ଡ଼ିସେମ୍ବର'୧୯ | ୧.୭୯% | ୦.୭୦% | ୦.୩୭% | ୦.୫୪% | ୩.୪୦% |
| ମାର୍ଚ୍ଚ'୨୦ | ୩.୭୨% | ୦.୪୯% | ୦.୪୧% | ୦.୮୭% | ୫.୪୯% |
| ଜୁନ୍'୨୦ | ୧.୩୦% | ୧.୦୩% | ୦.୪୩% | ୦.୪୩% | ୩.୨୦% |
| ସେପ୍ଟେମ୍ବର'୧୯ | ୧୫.୩୫% | ୩.୪୭% | ୦.୩୯% | ୦.୬୩% | ୧୯.୮୩% |

ସାରଣୀ -୦୫

- ଏକ ଉଦ୍ୟୋଗଯୁକ୍ତ ଅବହେଳିତ ପ୍ରଦର୍ଶିତ କରୁଛି ଯେ ସେପ୍ଟେମ୍ବର ୨୦୨୦ରେ ଏହା ୧୯.୮୩% ଉର୍ଦ୍ଧ୍ୱମୁଖୀ ହୋଇଛି ।
- ଜୁନ ୨୦୨୦ ତୁଳନାରେ ଅବହେଳିତ ୧-୨୯ ଏବଂ ୩୦-୫୯ ଅତୀତ ଦିନଗୁଡ଼ିର ଗୁଚ୍ଛ ସମୂହରେ ୧୪.୦୫% ଏବଂ ୨.୪୪%ର ପ୍ରଚୁର ମାତ୍ରାର ବୃଦ୍ଧି ସେପ୍ଟେମ୍ବର ୨୦୨୦ରେ ଦେଖାଯାଇଛି ।

# ଭୌଗୋଳିକ ଦୃଷ୍ଟିପାତ



MicrofinancePulse

# ମାଇକ୍ରୋଫାଇନାନ୍ସ ପଲସ୍

## ସେପ୍ଟେମ୍ବର ୨୦୨୦ ସୁଦ୍ଧା ରହିଥିବା ରାଜ୍ୟ / କେନ୍ଦ୍ରଶାସିତ ଭିତ୍ତିକ ବକେୟା ପୋର୍ଟଫୋଲିଓ

ମାନଚିତ୍ର-୦୧




- ସେପ୍ଟେମ୍ବର ୨୦୨୦ ସୁଦ୍ଧା ରହିଥିବା ପାନ ଇଣ୍ଡିଆ ବକେୟା ପୋର୍ଟଫୋଲିଓ ୨,୨୭,୮୪୪ କୋଟିର ଅଟେ
- ପାନ ଇଣ୍ଡିଆ ବକେୟା ପୋର୍ଟଫୋଲିଓରେ ୯ଟି ପ୍ରମୁଖ ରାଜ୍ୟର ଅବଦାନ ୭୫%ରୁ ଅଧିକ ରହିଛି (ସେହି ରାଜ୍ୟ ମଧ୍ୟରେ ରହିଛି ତାମିଲନାଡୁ, ପଶ୍ଚିମବଙ୍ଗ, ବିହାର, କର୍ଣ୍ଣାଟକ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଓଡ଼ିଶା ଏବଂ ଆସାମ)
- ପ୍ରମୁଖ ଭାରତୀୟ ରାଜ୍ୟମାନଙ୍କର ବକେୟା ପୋର୍ଟଫୋଲିଓ ସମ୍ପର୍କ ୫,୦୦୦ କୋଟିରୁ ଅଧିକ ଅଟେ

## ସେପ୍ଟେମ୍ବର ୨୦୨୦ ସୁଦ୍ଧା ରାଜ୍ୟ / କେନ୍ଦ୍ରଶାସିତ ଭିତ୍ତିକ ୯୦ରୁ ଅଧିକ ଅବହେଳିତ ସଂଖ୍ୟା

ମାନଚିତ୍ର-୦୨




This Map is a generalized illustration only and is not intended to be used for reference purpose.
Note: This graph is based on the data/information submitted by the members as on 30th September 2020.
Data representation for the state of J&K is based on data submission for the entire J&K state.

- ସେପ୍ଟେମ୍ବର ୨୦୨୦ ସୁଦ୍ଧା ପାନ ଇଣ୍ଡିଆ ୯୦ରୁ ଅଧିକ ଅବହେଳିତ ସଂଖ୍ୟା ୦.୬୩% ଅଟେ
- ପ୍ରମୁଖ ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ରାଜ୍ୟ ସମୂହ ମଧ୍ୟରେ ରହିଥିବା ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ବିହାର ସେପ୍ଟେମ୍ବର ୨୦୨୦ ସୁଦ୍ଧା ଅତି ଉତ୍ତମ ଭାବରେ ୯୦ରୁ ଅଧିକ ଅବହେଳିତକୁ ପରିଚାଳନା କରିପାରିଛନ୍ତି ପାନ ଇଣ୍ଡିଆର ୯୦ରୁ ଅଧିକ ଅବହେଳିତ ତୁଳନାରେ ।

# ମାଇକ୍ରୋଫାଇନାନ୍ସ ଉଦ୍ୟୋଗ
# ଏବଂ କୋଭିଡ଼-୧୯



# ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଏବଂ କୋଭିଡ୍-୧୯ ପ୍ରଭାବ

| ପ୍ରମୁଖ ୫ଟି ରାଜ୍ୟ | ଜୁଅସେ'୧୯ (ଖାତାକୁ ବିତରଣ ସଂଖ୍ୟା ଲକ୍ଷରେ) | ଜୁଅସେ'୨୦ (ଖାତାକୁ ବିତରଣ ସଂଖ୍ୟା ଲକ୍ଷରେ) | ବୃଦ୍ଧିହାର% | ୨୩ ସେପ୍ଟେମ୍ବର ୨୦୨୦ ସୁଦ୍ଧା ସମୁଦାୟ କୋଭିଡ୍-୧୯ କେସ୍ |
|---|---|---|---|---|
| ତାମିଲନାଡୁ | ୨୭ | ୧୩ | -୫୧% | ୫୫୨,୬୭୪ |
| ପଶ୍ଚିମବଙ୍ଗ | ୨୨ | ୧୧ | -୪୭% | ୨୩୧,୪୮୪ |
| ବିହାର | ୨୦ | ୯ | -୫୬% | ୧୭୨,୮୫୪ |
| କର୍ଣ୍ଣାଟକ | ୧୯ | ୯ | -୫୪% | ୫୩୩,୮୫୦ |
| ମହାରାଷ୍ଟ୍ର | ୧୫ | ୬ | -୫୮% | ୧,୨୪୨,୭୭୦ |

ସାରଣୀ-୦୬

| ପ୍ରମୁଖ ୫ଟି ରାଜ୍ୟ | ଜୁଅସେ'୧୯ (ବିତରଣ ପରିମାଣ କୋଟିରେ) | ଜୁଅସେ'୨୦ (ବିତରଣ ପରିମାଣ କୋଟିରେ) | ବୃଦ୍ଧିହାର% | ୨୩ ସେପ୍ଟେମ୍ବର ୨୦୨୦ ସୁଦ୍ଧା ସମୁଦାୟ କୋଭିଡ୍-୧୯ କେସ୍ |
|---|---|---|---|---|
| ତାମିଲନାଡୁ | ୮,୮୪୫ | ୩,୯୮୦ | -୫୫% | ୫୫୨,୬୭୪ |
| ପଶ୍ଚିମବଙ୍ଗ | ୯,୨୨୫ | ୫,୦୫୭ | -୪୫% | ୨୩୧,୪୮୪ |
| ବିହାର | ୬,୮୧୦ | ୩,୪୪୧ | -୪୯% | ୧୭୨,୮୫୪ |
| କର୍ଣ୍ଣାଟକ | ୫,୦୦୪ | ୨,୬୬୬ | -୪୫% | ୫୩୩,୮୫୦ |
| ମହାରାଷ୍ଟ୍ର | ୪,୩୭୭ | ୧,୯୭୪ | -୫୫% | ୧,୨୪୨,୭୭୦ |

ସାରଣୀ-୦୭

- ମହାମାରୀ କାରଣରୁ ୫ଟି ପ୍ରମୁଖ ରାଜ୍ୟର ଅବଦାନ ଏହି ଋଣର ପରିମାଣ ଏବଂ ମୂଲ୍ୟ ଆଧାରରେ ଜୁଅସେ'୧୯ରେ ୫୬% ଥିବା ବେଳେ ଏହି ପରିମାଣ ଜୁଅସେ'୨୦ରେ ୫୨% ଖସି ଆସିଛି ।
- ଜୁଅସେ'୧୯ରେ ପ୍ରମୁଖ ୫ଟି ରାଜ୍ୟର ଋଣ ବିତରଣ ୧୦୩ ଲକ୍ଷ ଥିଲା । ସେହିପରି ଜୁଅସେ'୨୦ରେ ପ୍ରମୁଖ ୫ଟି ରାଜ୍ୟର ଋଣ ବିତରଣ ୪୯ ଲକ୍ଷ ଅଛି ଯାହା ଜୁଅସେ'୧୯ ତୁଳନାରେ ପ୍ରାୟ ୫୩% କମ୍ ।
- ଜୁଅସେ'୧୯ରୁ ଜୁଅସେ'୨୦ ସୁଦ୍ଧା ପ୍ରମୁଖ ୫ଟି ରାଜ୍ୟର ବିତରଣ ପରିମାଣ ୫୦% ତଳକୁ ଖସି ଆସିଛି ।

# ଉଚ୍ଚାଭିଳାଷୀ ଜିଲ୍ଲା ସମୂହ



MicrofinancePulse

# ଉଚ୍ଚାଭିଳାଷୀ ଜିଲ୍ଲା ସମୂହ – ସେପ୍ଟେମ୍ବର ୨୦୨୦ ସାଧାରଣ ସମୀକ୍ଷା

ସ୍ତମ୍ଭ-୦୬




ସ୍ତମ୍ଭ-୦୭




| ଉଚ୍ଚାଭିଳାଷୀ ଜିଲ୍ଲାସମୂହ ବୃଦ୍ଧି ବିଷୟବସ୍ତୁ | ଡ଼ିସେମ୍ବର ୨୦୧୭ | ସେପ୍ଟେମ୍ବର ୨୦୨୦ | ବୃଦ୍ଧିର ହାର% |
|---|---|---|---|
| ଚଳତ୍ଅଞ୍ଚଳ ଗ୍ରାହକଙ୍କ ପ୍ରବେଶ (‘୦୦୦) | ୪,୧୫୫ | ୭,୩୦୮ | ୭୬% |
| ବିତରଣର ପରିମାଣ (କୋଟିରେ) | ୧୪,୩୭୪* | ୨୨,୬୫୯** | ୫୮% |
| ସକ୍ରିୟ ଋଣ (‘୦୦୦) | ୬,୯୨୫ | ୧୨,୬୫୪ | ୮୩% |
| ବକେୟା ପୋର୍ଟଫୋଲିଓ (କୋଟିରେ) | ୧୧,୧୭୫ | ୨୬,୭୨୬ | ୧୩୯% |
| ୩୦ରୁ ଅଧିକ ଅବହେଳିତ | ୧.୫୪% | ୩.୦୨% | - |
| ୯୦ରୁ ଅଧିକ ଅବହେଳିତ | ୦.୭୫% | ୦.୩୫% | - |

ସାରଣୀ-୦୮

- ସେପ୍ଟେମ୍ବର ୨୦୨୦ରେ ୪୨% ବ୍ୟାଙ୍କ ସେୟାର ସହିତ ୩୫% ଏନବିଏଫସି-ଏମ୍ଏଫଆଇର ଅଂଶଧନକୁ ନେଇ ଉଚ୍ଚାଭିଳାଷୀ ଜିଲ୍ଲାମାନଙ୍କର ବକେୟା ପୋର୍ଟଫୋଲିଓରେ ସମୁଦାୟ ପରିମାଣ ୨୬,୭୨୬ କୋଟିରେ ରହିଛି ।
- ଉଚ୍ଚାଭିଳାଷୀ ଜିଲ୍ଲା ସମୂହ ଭିତରେ ଏନ୍ବିଏଫସି-ଏମ୍ଏଫଆଇର ସର୍ବାଧିକ ୯୦ରୁ ଅଧିକ ଅବହେଳିତ ରହିଛି ।
- ଡ଼ିସେମ୍ବର ୨୦୧୭ରୁ ସେପ୍ଟେମ୍ବର ୨୦୨୦ ଭିତରେ ବକେୟା ପୋର୍ଟଫୋଲିଓ ୧୩୯% ବୃଦ୍ଧି ପ୍ରାପ୍ତ ହୋଇଛି ଏବଂ ବିତରଣୀୟ ପରିମାଣ ୫୮% ବୃଦ୍ଧି ପ୍ରାପ୍ତ ଦୃଶ୍ୟମାନ ହୋଇଅଛି ।

*ଜାନୁୟାରୀ ୨୦୧୭ରୁ ଡ଼ିସେମ୍ବର ୨୦୧୭ ମଧ୍ୟରେ ବିତରଣ
**ଅକ୍ଟୋବର ୨୦୧୯ରୁ ସେପ୍ଟେମ୍ବର ୨୦୨୦ ମଧ୍ୟରେ ବିତରଣ
ଅବହେଳିତ ବକେୟା ପୋର୍ଟଫୋଲିଓ ଆଧାରରେ ହିସାବ କରାଯାଇଛି

# ଉଚ୍ଚାଭିଳାଷୀ ଜିଲ୍ଲାସମୂହ – ଗ୍ରାହକ ଏବଂ ଭୌଗୋଳିକ ବିସ୍ତାର

ଗ୍ରାଫ-୦୮

ବକେୟା ପୋର୍ଟଫୋଲିଓ ଗୁଚ୍ଛ (POS) ଦ୍ୱାରା ଗ୍ରାହକ ବଣ୍ଟନ - ବକେୟା ଜିଲ୍ଲାସମୂହ




| ଜିଲ୍ଲା | ରାଜ୍ୟ | ବକେୟା ପୋର୍ଟଫୋଲିଓ (କୋଟିରେ) ସେପ୍ଟେମ୍ବର ୨୦୨୦ | ଚଳନ୍ତି ଖାତା (‘୦୦୦) ସେପ୍ଟେମ୍ବର ୨୦୨୦ | ଚଳନ୍ତି ଅନୁଷ୍ଠାନ (ଗଣତି) ସେପ୍ଟେମ୍ବର ୨୦୨୦ | ଚଳନ୍ତି ଧାରକ(‘୦୦୦) ସେପ୍ଟେମ୍ବର ୨୦୨୦ | ୯୦ରୁ ଅଧିକ ବକେୟା ପୋର୍ଟଫୋଲିଓ ଅବହେଳିତ ସେପ୍ଟେମ୍ବର ୨୦୨୦ |
|---|---|---|---|---|---|---|
| ମୁଜାଫରପୁର | ବିହାର | ୧,୭୦୭ | ୭୯୩ | ୬୫ | ୫୦୩ | ୦.୨୮% |
| ବେଗୁସରାଇ | ବିହାର | ୧,୨୬୧ | ୫୭୫ | ୬୨ | ୩୩୮ | ୦.୨୭% |
| ପୁର୍ଣ୍ଣିଆ | ବିହାର | ୯୮୩ | ୪୩୩ | ୫୧ | ୨୫୮ | ୦.୦୭% |
| ଔରଙ୍ଗାବାଦ | ମହାରାଷ୍ଟ୍ର | ୯୫୦ | ୪୬୧ | ୫୯ | ୨୨୭ | ୦.୭୬% |
| ଦାହୋଦ | ଗୁଜରାଟ | ୭୮୫ | ୩୯୪ | ୩୮ | ୨୧୮ | ୦.୦୬% |
| ଆରାରିଆ | ବିହାର | ୭୫୪ | ୩୪୧ | ୫୬ | ୨୦୮ | ୦.୦୫% |
| ସୀତାମାରୀ | ବିହାର | ୭୪୬ | ୩୫୭ | ୪୧ | ୨୦୭ | ୦.୦୧% |
| କଟିହାର | ବିହାର | ୭୪୫ | ୩୩୨ | ୪୭ | ୧୯୬ | ୧.୦୫% |
| ବିରୁଧୁନଗର | ତାମିଲନାଡୁ | ୭୪୩ | ୩୮୭ | ୪୮ | ୧୯୫ | ୦.୪୦% |
| ରାମନାଥପୁରମ୍ | ତାମିଲନାଡୁ | ୬୧୧ | ୩୦୭ | ୫୩ | ୧୬୩ | ୦.୧୦% |

ସାରଣୀ-୦୯

- ଉଚ୍ଚାଭିଳାଷୀ ଜିଲ୍ଲାସମୂହ ଧାରକମାନେ ୧୦ ହଜାରରୁ ୫୦ ହଜାର ବକେୟା ପୋର୍ଟଫୋଲିଓ ଗୁଚ୍ଛରେ ବାନ୍ଧି ହୋଇ ରହନ୍ତି ।
- ସେପ୍ଟେମ୍ବର ୨୦୨୦ ସୁଦ୍ଧା ବିହାରର ୫ରୁ ଅଧିକ ଜିଲ୍ଲାର ପ୍ରମୁଖ ୧୦ଟି ବକେୟା ପୋର୍ଟଫୋଲିଓ ଆଧାରର ଅଂଶବିଶେଷ ଅଟେ ।
- ମୁଜାଫରପୁର ପ୍ରମୁଖ ୧୦ଟି ଉଚ୍ଚାଭିଳାଷୀ ଜିଲ୍ଲା ବକେୟା ପୋର୍ଟଫୋଲିଓକୁ ୧୮%ର ଅବଦାନ ଅଛି । ଏଥିସହିତ ବେଗୁସରାଇ ୧୪% ଏବଂ ପୁର୍ଣ୍ଣିଆର ୧୧% ମଧ୍ୟ ସହଭାଗୀ ରହିଛି ।
- ସୀତାମାରି ୧୦ଟି ପ୍ରମୁଖ ଉଚ୍ଚାଭିଳାଷୀ ଜିଲ୍ଲାରେ ପଞ୍ଜିକୃତ ହୋଇଛି, ଯାହା ସେପ୍ଟେମ୍ବର ୨୦୨୦ ସୁଦ୍ଧା ୦.୦୧% ୯୦ରୁ ଅଧିକ ଅବହେଳିତ, ସର୍ବନିମ୍ନ ୯୦ରୁ କମ୍ ଅବହେଳିତ ଉଚ୍ଚାଭିଳାଷୀ ଜିଲ୍ଲା ମଧ୍ୟରେ ରହିଛି ।

*ଏଠାରେ କିଛି ନକଲ ହୋଇପାରେ କାରଣ ପ୍ରତିଷ୍ଠାନ ଗୁଡ଼ିକ ଏକରୁ ଅଧିକ ଭୌଗୋଳିକ ସ୍ଥିତିରେ କାର୍ଯ୍ୟକ୍ଷମ s

# ବିସ୍ତୃତ ରାଜ୍ୟ ବିବରଣୀ : ବିହାର



MicrofinancePulse

# ବିହାର : ରାଜ୍ୟ ଅବଲୋକନ

ସ୍ତମ୍ଭ-୦୯




| ସେପ୍ଟେମ୍ବର ୨୦୨୦ ସୁଦ୍ଧା ବିହାର ଛାୟାଛବି ଅବଲୋକନ | ବ୍ୟାଙ୍କସ୍ | ଏସଏଫବି ସମୂହ | ଏନବିଏଫସି ସମୂହ | ଏନବିଏଫସି ଅଣୁଅର୍ଥ ପ୍ରତିଷ୍ଠାନ ସମୂହ | ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଯାହା ଲାଭ ପାଇଁ ନୁହେଁ | ଉଦ୍ୟୋଗ ସମୂହ |
|---|---|---|---|---|---|---|
| ଚଳନ୍ତି ଋଣ (‘୦୦୦) | ୪,୪୬୮ | ୧,୪୪୬ | ୪,୦୫୫ | ୧,୧୩୧ | ୩୨୨ | ୧୧,୪୨୨ |
| ପୋର୍ଟଫୋଲିଓ (କୋଟିରେ) | ୧୦,୫୭୭ | ୩,୩୮୦ | ୭,୫୭୭ | ୨,୭୧୨ | ୫୯୨ | ୨୪,୮୩୮ |
| ଉଚ୍ଚକୋଟୀ ନଥିପତ୍ରର ବଜାର ସେୟାର | ୪୩% | ୧୪% | ୩୦% | ୧୧% | ୨% | ୧୦୦% |
| ବିତରଣ ପାଇଁ ରକମ (କୋଟିରେ) ଜୁଅସେ’୨୦୨୦ | ୧,୯୩୪ | ୩୦୨ | ୮୩୨ | ୨୦୭ | ୧୬୬ | ୩,୪୪୧ |
| ହାରାହାରି ଟିକେଟ ଆୟତନ ଜୁଅସେ’୨୦ | ୪୨,୭୪୩ | ୪୧,୪୫୭ | ୩୧,୦୩୦ | ୩୪,୯୪୪ | ୩୪,୬୫୩ | ୩୮,୨୦୯ |
| ୩୦ରୁ ଅଧିକ ଅବହେଳିତ (ବକେୟା ପୋର୍ଟଫୋଲିଓ) | ୧.୭୩% | ୧.୦୯% | ୨.୪୯% | ୦.୧୨% | ୦.୬୩% | ୧.୬୭% |
| ୯୦ରୁ ଅଧିକ ଅବହେଳିତ (ବକେୟା ପୋର୍ଟଫୋଲିଓ) | ୦.୦୬% | ୦.୦୬% | ୦.୪୫% | ୦.୦୧% | ୦.୨୨% | ୦.୧୮% |

ସାରଣୀ -୧୦

- ଚଳନ୍ତି ଋଣ ଏବଂ ବକେୟା ପୋର୍ଟଫୋଲିଓକୁ ଦୃଷ୍ଟିରେ ରଖି ପାନ ଇଣ୍ଡିଆ ମାଇକ୍ରୋଫାଇନାନ୍ସ ଉଦ୍ୟୋଗକୁ ବିହାରର ଅବଦାନ ୧୧% ଅଟେ ।
- ପାନ ଇଣ୍ଡିଆ (ଜୁଅସେ’୨) ପ୍ରଦତ୍ତ ଋଣ ଆକାର ତଥା ରକମ ତୁଳନାରେ ବିହାର ଋଣ ଆକାର ତଥା ରକମର ପରିମାଣ ୮% ଅଧିକ ଅଟେ ।
- ସେପ୍ଟେମ୍ବର ୩୦, ୨୦୨୦ ସୁଦ୍ଧା ପାନ ଇଣ୍ଡିଆ ୯୦ରୁ ଅଧିକ ଅବହେଳିତ ତୁଳନାରେ ବିହାରର ପରିଚାଳନା ଅତି ସୁନ୍ଦର ଅଟେ ।
- ସବୁ ଉଧାରଦାତାଙ୍କ ମଧ୍ୟରେ ବ୍ୟାଙ୍କର ବକେୟା ପୋର୍ଟଫୋଲିଓର ଅବଦାନ ସବୁଠାରୁ ଅଧିକ ୪୩% ଅଟେ ।
- ବ୍ୟାଙ୍କ ସମୂହ ଉକ୍ତ ବିହାର ବିତରଣ ତଥା ରକମର ପରିମାଣ କ୍ଷେତ୍ରରେ ଯଥେଷ୍ଟ ଅଧିକ ୪୨,୭୪୩/- ଥିବା ବେଳେ ଏସଏଫବି ସମୂହ ୪୧,୪୫୭/- ରହିଛି ।
- ଅନ୍ୟ ଉଧାରଦାତା ତୁଳନାରେ ଏନବିଏଫସି ସମୂହର ୩୦ରୁ ଅଧିକ କିମ୍ବା ୯୦ରୁ ଅଧିକ ଅବହେଳିତତା ବହୁତ ସୁନ୍ଦର ଭାବରେ ପରିଚାଳିତ ।

# ବିହାର : ବିତରଣର ଧାରା - ଅନୁଷ୍ଠାନ ଭିତ୍ତିକ

ସ୍ତମ୍ଭ-୧୦




ବିତରୀତ ଋଣର ସଂଖ୍ୟା ('୦୦୦)

| ବିଷୟବସ୍ତୁ | ଜୁଅସେ' ୧୯ | ଅନଡ଼ି' ୧୯ | ଜାଫେମା' ୨୦ | ଏମେଜୁ' ୨୦ | ଜୁଅସେ' ୨୦ |
|---|---|---|---|---|---|
| ବ୍ୟାଙ୍କ ସମୂହ | ୮୫୨ | ୯୪୬ | ୧,୦୮୩ | ୨୦୯ | ୪୫୨ |
| ଏସଏଫବି ସମୂହ | ୨୩୬ | ୨୭୮ | ୩୩୩ | ୧୭ | ୭୩ |
| ଏନବିଏଫସି- ମାଇକ୍ରୋଫାଇନାନ୍ସ ଉଦ୍ୟୋଗ | ୭୨୪ | ୮୨୭ | ୯୧୩ | ୧୪ | ୨୬୮ |
| ଏନବିଏଫସି ସମୂହ | ୧୭୭ | ୧୭୩ | ୧୬୨ | ୧ | ୬୦ |
| ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଯାହା ଲାଭ ପାଇଁ ନୁହେଁ | ୪୦ | ୬୮ | ୬୬ | ୪୮ | ୪୮ |
| ଉଦ୍ୟୋଗ ସମୂହ | ୨,୦୨୯ | ୨.୨୯୨ | ୨.୫୫୭ | ୨୮୯ | ୯୦୧ |

ସାରଣୀ -୧୧

- ମହାମାରୀର ପ୍ରଭାବ ଜୁଅସେ' ୧୯ ତୁଳନାରେ ଜୁଅସେ' ୨୦ରେ ଦୃଶ୍ୟମାନ ହୋଇଥିଲା। ଜୁଅସେ' ୧୯ରୁ ଜୁଅସେ' ୨୦ ଭିତରେ ବିତରଣୀର ପରିମାଣରେ ୪୯% ହ୍ରାସ ଘଟିଛି।
- ଋଣ ଉତ୍ସ ଜୁଅସେ' ୧୯ରୁ ଜୁଅସେ' ୨୦ ଭିତରେ ୫୬% କମିଛି।
- ସବୁ ତ୍ରୈମାସିକ ଭିତରେ ବ୍ୟାଙ୍କ ଋଣ ଉତ୍ସ ଅବଦାନ ଏନବିଏଫସି-ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ସହିତ ସବୁଠାରୁ ଉଚ୍ଚତର ରହିଛି।
- ଋଣ ଉତ୍ସ କ୍ଷେତ୍ରରେ ଜୁଅସେ' ୨୦ରେ ବ୍ୟାଙ୍କର ଅବଦାନ ୫୦% ରହିଛି ଏବଂ ଏହାକୁ ତାଳ ଦେଇ ଏନବିଏଫସି ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ୩୦% ଦେଇ ଚାଲିଛି।
- ଅମେଜୁ' ୨୦ଠାରୁ ଜୁଅସେ' ୨୦ର ଋଣ ଉତ୍ସରେ ୨୧୨%ର ବୃଦ୍ଧି ହୋଇଛି।

# ବିହାର : ଭୌଗୋଳିକ ପୋର୍ଟଫୋଲିଓର ଅବଦାନ

ସ୍ତମ୍ଭ-୧୧

ଉଧାରଦାତା ବିଭାଗ ଦ୍ୱାରା ଭୌଗୋଳିକ ସ୍ଥିତି




ସ୍ତମ୍ଭ-୧୨

ଭୌଗୋଳିକ ସ୍ଥିତି ଦ୍ୱାରା ୯୦ରୁ ଅଧିକ ଅବହେଳିତ




- ସେପ୍ଟେମ୍ବର ୨୦୨୦ ସୁଦ୍ଧା ବିହାର ଗ୍ରାମାଞ୍ଚଳ ଭୌଗୋଳିକ ଅବସ୍ଥିତି ବକେୟା ପୋର୍ଟଫୋଲିଓ ଅବଦାନରେ ସବୁଠାରୁ ଉଚ୍ଚତର ୫୯% ଥିବା ବେଳେ ଏହାକୁ ତାଳ ଦେଇ ଅର୍ଦ୍ଧ ସହରାଞ୍ଚଳରେ ଏହି ସ୍ଥିତି ୩୯% ଥିବା ବେଳେ ସହରାଞ୍ଚଳରେ ଏହା ୨% ଅଛି ।
- ସମସ୍ତ ଭୌଗୋଳିକତାକୁ ପାର କରି ବକେୟା ପୋର୍ଟଫୋଲିଓ କ୍ଷେତ୍ରରେ ବ୍ୟାଙ୍କର ଅବଦାନ ସବୁଠାରୁ ଉଚ୍ଚତର ।
- ସହରାଂଚ୍ଳ ଭୌଗୋଳିକ ଅବସ୍ଥିତି ୯୦ରୁ ଅଧିକ ବକେୟା ପୋର୍ଟଫୋଲିଓ ଅବହେଳିତ ତୁଳନାରେ ରାଜ୍ୟର ୯୦ରୁ ଅଧିକ ବକେୟା ପୋର୍ଟଫୋଲିଓ ଅବହେଳିତକୁ ପ୍ରଭାବିତ କରିଛି ।

# ବିହାର : ଋଣଗ୍ରାହୀତାଙ୍କ ବଣ୍ଟନ

ଷ୍ଟମ୍ଭ-୧୩ ଚଳନ୍ତି ଋଣ ସଂଖ୍ୟା ଅନୁଯାୟୀ ଚଳନ୍ତି ଋଣ ଗ୍ରାହୀତାଙ୍କ ବଣ୍ଟନ




ଷ୍ଟମ୍ଭ-୧୪ ବକେୟା ପୋର୍ଟଫୋଲିଓ ଅନୁଯାୟୀ ଚଳନ୍ତି ଋଣ ଗ୍ରାହୀତାଙ୍କ ବଣ୍ଟନ




- ବିହାରରୁ ସମୁଦାୟ ୪୧% ଋଣଗ୍ରାହୀଙ୍କ ମଧ୍ୟରୁ ୨ରୁ ଅଧିକ ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଋଣ ଅଟେ
- ଋଣଗ୍ରାହୀ ବଣ୍ଟନ ଦ୍ୱାରା ବକେୟା ପୋର୍ଟଫୋଲିଓ ରାଜ୍ୟ ମଧ୍ୟରୁ ୬୫% ଋଣଗ୍ରାହୀ ୧୦,୦୦୦/-ରୁ ୫୦,୦୦୦/- ଗୁଚ୍ଛ ମଧ୍ୟରେ ରହିଛନ୍ତି ।

## ସିଡ଼୍‌ବି ସମ୍ପର୍କରେ :

୧୯୯୦ ମସିହାରେ ସଂସଦର ଏକ ଅଧିନିୟମ ଅନୁଯାୟୀ ଭାରତୀୟ କ୍ଷୁଦ୍ର ଶିଳ୍ପ ବିକାଶ ବ୍ୟାଙ୍କ (ସିଡ଼ବି)ର ପ୍ରତିଷ୍ଠା ହୋଇଛି । ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଏମଇ)ର ପ୍ରୋତ୍ସାହନ, ଆର୍ଥିକ ତଥା ବିକାଶ ଭଳି ତିନୋଟି ପ୍ରମୁଖ ବିଷୟବସ୍ତୁକୁ କାର୍ଯ୍ୟକାରୀ କରିବା ପାଇଁ ତଥା ସମାନ କାର୍ଯ୍ୟକଳାପରେ ନିୟୋଜିତ ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟଗୁଡ଼ିକର ସମନ୍ୱୟ ପାଇଁ ସିଡ଼ବିକୁ ମୁଖ୍ୟ ଆର୍ଥିକ ପ୍ରତିଷ୍ଠାନ ଭାବରେ କାର୍ଯ୍ୟ କରିବାକୁ ନ୍ୟସ୍ତ କରାଯାଇଛି । ବର୍ଷ ବର୍ଷ ଧରି ଏହାର ବିଭିନ୍ନ ଆର୍ଥିକ ଏବଂ ବିକାଶମୂଳକ ପଦକ୍ଷେପ ମାଧ୍ୟମରେ ବ୍ୟାଙ୍କ ସମାଜର ବିଭିନ୍ନ ସ୍ତରରେ ରହିଥିବା ଲୋକଙ୍କ ଜୀବନକୁ ଛୁଇଁ ପାରିଛି, ସମଗ୍ର ଏମଏସଏମଇ ବୈଚିତ୍ରତା ଉପରେ ଉଦ୍ୟୋଗ ଗୁଡ଼ିକୁ ପ୍ରଭାବିତ କରିଛି ଏବଂ ଏମଏସଏମଇ ଜୈବ ପରିବେଶରେ ଅନେକ ବିଶ୍ୱସନୀୟ ଅନୁଷ୍ଠାନ ସହିତ ଜଡ଼ିତ ଅଛି ।

ଭିଜନ୨.୦ ଅଧୀନରେ ଏମଏସଏମଇରେ ରହିଥିବା ବିଭିନ୍ନ କ୍ଷେତ୍ର ଯଥା – ଏମଏସଏମଇ ପଲ୍‌ସ, ଏମଏସଏମଇ ଏବଂ କ୍ରିସିଡ଼େକ୍ସରେ ରହିଥିବା ସ୍ୱାସ୍ଥ୍ୟ ସମ୍ବନ୍ଧିତ ସ୍ତର, ଅଣୁ କ୍ଷୁଦ୍ର ଶିଳ୍ପ (ଏମଏସଇ)ର ଭାବନା ଓ ଆକାଂକ୍ଷାକୁ ମାପିବା ପାଇଁ, ଶିଳ୍ପ ଆଲୋକପାତ, ଶିଳ୍ପ କ୍ଷେତ୍ର ଏବଂ ଫିନ୍‌ଟେକ୍ ପଲ୍ସ ଉପରେ ଏକ ବିସ୍ତୃତ ରିପୋର୍ଟ ଉପସ୍ଥାପନ, ଫିନ୍‌ଟେକ୍ ସୁଧ ପ୍ରଦାନ ବିଷୟ ଉପରେ ଏକ ଉଦ୍ଧାରୀ ତଥ୍ୟ ପ୍ରଦାନ ତଥା ମାଇକ୍ରୋଫାଇନ୍‌ସ ପଲ୍‌ସ ଠାରୁ ଅଲଗା ଥିବା ଇତ୍ୟାଦି କ୍ଷେତ୍ରରେ ସିଡ଼୍‌ବି ବିଭିନ୍ନ ପ୍ରକାର ପଦକ୍ଷେପର ନେତୃତ୍ୱ ନେଇ ଏହାର ଅସଙ୍ଗତ ସୂଚ଼ନା ଉପରେ ନିଜର ମତପୋଷଣ କରିପାରିଛି ।

## ମାଇକ୍ରୋଫାଇନାନ୍ସ କ୍ଷେତ୍ରରେ ସିଡ଼୍‌ବି :

ମାଇକ୍ରୋଫାଇନାନ୍ସ ଆନ୍ଦୋଳନକୁ ସମର୍ଥନ କରି ଅନ୍ତର୍ଭୁକ୍ତ ଆର୍ଥିକ ଏଜେଣ୍ଡାକୁ ଆଗେଇ ନେବାରେ ସିଡ଼୍‌ବି ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ମାଇକ୍ରୋଫାଇନାନ୍ସ ଅଧିନରେ ବ୍ୟାଙ୍କ ମାର୍ଚ୍ଚ ୨୦୨୦ ସୁଦ୍ଧା, ୧୦୦ରୁ ଅଧିକ ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଗୁଡ଼ିକୁ ୧୯.୮୭୧ କୋଟି ମଂଜୁର କରିଛି । ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଗୁଡ଼ିକୁ ଋଣ ଏବଂ ଇକ୍ୟୁଟି ସହାୟତା ତଥା ଏହି ଅନୁଷ୍ଠାନଗୁଡ଼ିକର ଦକ୍ଷତା ବୃଦ୍ଧି ଏବଂ କର୍ପୋରେଟ୍ ଶାସନ ସଂସ୍କୃତିକୁ ମୂଲ୍ୟାଙ୍କନ ଅନୁକରଣ ପୂର୍ବକ ଏହାର ଉପକରଣ ଗୁଡ଼ିକୁ ଭଲ ଭାବରେ ପୂର୍ଣ୍ଣ ସମର୍ଥନ ପ୍ରଦାନ କରିଛି । ମାଇକ୍ରୋଫାଇନାନ୍ସ ଉଦ୍ୟୋଗର ଦୁର୍ବଳ ଆରମ୍ଭରୁ ଏକ ପୂର୍ଣ୍ଣ ଶିଳ୍ପ ବିଭାଗ ପର୍ଯ୍ୟନ୍ତ ହସ୍ତାନ୍ତର କରିବା ବ୍ୟତୀତ, ଆମର ଅନ୍ୟ ୮ଟି ଅଂଶୀଦାର ମାଇକ୍ରୋଫାଇନାନ୍ସ ଉଦ୍ୟୋଗକୁ ଏସଏଫବି ସମୂହ / ୟୁନିଭର୍ସାଲ ବ୍ୟାଙ୍କରେ ପରିଣତ କରିବାରେ ରହିଥିବା ଗତିପଥକୁ ଆହୁରି ସୁଗମ କରିପାରିଛି । ମାଇକ୍ରୋ ଋଣ ପ୍ରଦାନରେ ଆଉ ଏକ ପଥ ଅତିକ୍ରମ କରି ସିଡ଼୍‌ବି ଗ୍ରହଣ କରିଥିବା (ସହଭାଗୀତା ବ୍ୟବସ୍ଥା ମାଧ୍ୟମରେ) ସ୍ୱାଗତଯୋଗ୍ୟ ପଦକ୍ଷେପ ମଧ୍ୟରେ ରହିଛି, ବଜାର ମୂଲ୍ୟଠାରୁ ଯଥେଷ୍ଟ କମ୍ ସୁଧ ହାରରେ ପ୍ରତ୍ୟକ୍ଷ ଭାବରେ ଛୋଟ ଋଣ ପ୍ରଦାନର ବ୍ୟବସ୍ଥା । "ପ୍ରୟାସ" ନାମକ ଏହି ପଦକ୍ଷେପ ଅନୁଯାୟୀ, ବ୍ୟାଙ୍କ ଭାଗିଦାରୀ ମଡ଼େଲ ଅନ୍ତର୍ଗତ ବଜାର ସୁଧ ଦର ତୁଳନାରେ କମ୍ ସୁଧ ହାରରେ ରହିଥିବା ପିରାମିଡ଼୍‌ର ତଳ ଭାଗ ଯଥା ଅଣୁ ଋଣ ଗ୍ରହୀତାଙ୍କ ସୁବିଧା ପାଇଁ ୦.୫୦ ଲକ୍ଷରୁ ୫ଲକ୍ଷ ପର୍ଯ୍ୟନ୍ତ ଟିକେଟ ଆକାରର ଋଣ ପ୍ରଦାନ କରୁଛି ।

## ଇକ୍ୟୁଫ୍ୟାକ୍ସ ସମ୍ପର୍କରେ :

ଇକ୍ୟୁଫ୍ୟାକ୍ସ ହେଉଛି ଏକ ବିଶ୍ୱସ୍ତରୀୟ ସୂଚ଼ନା ସମାଧାନକାରୀ କମ୍ପାନୀ ଯାହାକି ଅଦ୍ୱିତୀୟ ବିଶ୍ୱସ୍ତ ତଥ୍ୟ, ଅଭିନବ ବିଶ୍ଳେଷକ, ବୈଷୟିକ ଏବଂ ଶିଳ୍ପ ଜ୍ଞାନ କୌଶଳର ବ୍ୟବହାର କରି ବିଶ୍ୱସ୍ତରୀୟ ଶକ୍ତି ସଂଗଠନ ତଥା ବ୍ୟକ୍ତି ବିଶେଷଙ୍କୁ, ଜ୍ଞାନର ଅନ୍ତର୍ନିହିତ ଭାବକୁ ବିକଶିତ କରିବା ସହିତ ଅଧିକ ସୂଚ଼ନାପ୍ରାପ୍ତ ବ୍ୟବସାୟ ଏବଂ ବ୍ୟକ୍ତିଗତ ନିଷ୍ପତି ନେବାରେ ସାହାଯ୍ୟ କରିବା ସହିତ ଦକ୍ଷ ନିପୁଣ ଗଢ଼ି ତୋଳିଥାଏ ।

ଆର୍ଟଲାଣ୍ଟା, ଜିଏ., ରେ ମୁଖ୍ୟାଳୟ ସ୍ଥାପିତ ସହିତ ଇକ୍ୟୁଫ୍ୟାକ୍ସ ଉତ୍ତର ଆମେରିକା, ମଧ୍ୟ ଏବଂ ଦକ୍ଷିଣ ଆମେରିକା, ୟୁରୋପ ଏବଂ ଏସିଆ ପ୍ରଶାନ୍ତ ମହାସାଗର ଭଳି ୨୪ଟି ଦେଶରେ କାର୍ଯ୍ୟ କରିବା ସହିତ ନିଜର ପୁଞ୍ଜି ବିନିଯୋଗ କରିଛି । ଏହା ଷ୍ଟାଣ୍ଡାର୍ଡ଼ ଆଣ୍ଡ ପୁଅର'ର (ଏସ ଆଣ୍ଡ ପି) ୫୦୦ ସୂଚ଼କାଙ୍କର ଏକ ସଦସ୍ୟ ଏବଂ ଏହାର ସାଧାରଣ ଷ୍ଟକ୍ ବ୍ୟବସାୟ ନ୍ୟୁୟର୍କ ଷ୍ଟକ ଏକ୍ସଚ୍ଚେଞ୍ଜ (ଏନୱାଇଏସଇ)ରେ ଇଏଫଏକ୍ସ ପ୍ରତୀକ ଅନ୍ତର୍ଗତରେ ବ୍ୟବସାୟ କରିଥାଏ । ଇକ୍ୟୁଫ୍ୟାକ୍ସ ବିଶ୍ୱ ବ୍ୟାପୀ ୧୧ହଜାର କର୍ମଚ଼ାରୀଙ୍କୁ ନିଯୁକ୍ତ କରିଛି । ଋଣ ଶିଳ୍ପରେ ୧୨୦ ବର୍ଷରୁ ଅଧିକ ବିଶ୍ୱସ୍ତରୀୟ ଉତ୍ତରାଧିକାରୀ ସହିତ ୨୦୧୦ ମସିହାରେ ଇକ୍ୟୁଫ୍ୟାକ୍ସ ଭାରତୀୟ ବଜାରରେ ନିଜର ଉପସ୍ଥିତି ପ୍ରତିଷ୍ଠା କରିଥିଲା ଏବଂ ସିଆଇସି ଭାବରେ କାର୍ଯ୍ୟ କରିବା ପାଇଁ ଆରବିଆଇ ଦ୍ୱାରା ଲାଇସେନ୍ସ ପ୍ରାପ୍ତ ହୋଇଥିଲା । ଗତ ୯ବର୍ଷ ମଧ୍ୟରେ ବ୍ୟାଙ୍କ ସମୂହ, ଏନବିଏଫସି ସମୂହ, ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଏବଂ ବୀମାକାରୀଙ୍କ ସମେତ କ୍ରେଡ଼ିଟ୍ ବ୍ୟୁରୋ ୪ହଜାର ରୁ ଅଧିକ ସଦସ୍ୟ ବୃଦ୍ଧି କରିପାରିଛି । ଏହି ସଦସ୍ୟମାନେ ଲକ୍ଷ ଲକ୍ଷ ଭାରତୀୟ ଗ୍ରାହକଙ୍କ ଉପରେ ଜନସଂଖ୍ୟା ଏବଂ ପରିଶୋଧ ଉପରେ ସେମାନଙ୍କର ନିଜସ୍ୱ ତଥ୍ୟ ପ୍ରଦାନ କରିଛନ୍ତି । ୨୦୧୪ ମସିହାରେ ଇକ୍ୟୁଫ୍ୟାକ୍ସ ପୁନର୍ବାର ଏକ ବିଶ୍ଳେଷଣାତ୍ମକ ଫାର୍ମ ହାସଲ କରି ଭାରତରେ ଏହାର ପାଦଚ଼ିହ୍ନ ସ୍ଥାପନ ତଥା ବୃଦ୍ଧି କରାଇପାରିଛି । ଇକ୍ୟୁଫ୍ୟାକ୍ସ ଆନାଲିଟିକ୍ସ ପ୍ରା.ଲିଃ ହେଉଛି ଇକ୍ୟୁଫ୍ୟାକ୍ସର ସମ୍ପୂର୍ଣ୍ଣ ମାଲିକାନା ବିଶ୍ଳେଷଣାତ୍ମକ ସଂସ୍ଥା ଯାହା ଏକ ଅତୁଳନୀୟ ପାରମ୍ପରିକ ବିଶ୍ଳେଷଣାତ୍ମକ ସମାଧାନ ପ୍ରଦାନ କରିଥାଏ ଯାହା ଉଭୟ ବ୍ୟବସାୟର କାର୍ଯ୍ୟଦକ୍ଷତା ଏବଂ ଗ୍ରାହକଙ୍କ ଜୀବନକୁ ସମୃଦ୍ଧ କରିଥାଏ ।

### ସ୍ୱତ୍ୱର ପ୍ରତ୍ୟାଖ୍ୟାନ :

ମାଇକ୍ରୋଫାଇନାନ୍ସ ପଲସ (ରିପୋର୍ଟ) ଇକ୍ୟୁଫ୍ୟାକ୍ସ କ୍ରେଡ଼ିଟ୍ ଇନଫରମେସନ ସର୍ଭିସେସ୍ ପ୍ରା.ଲିଃ (ଇକ୍ୟୁଫ୍ୟାକ୍ସ) ଦ୍ୱାରା ପ୍ରସ୍ତୁତ । ରିପୋର୍ଟ ଭିତରକୁ ଯାଇ ଏବଂ ବ୍ୟବହାର କରି ଉପଭୋକ୍ତା ଏହାକୁ ସ୍ୱିକୋରୋକ୍ତି ଏବଂ ଗ୍ରହଣ କରିବେ ଯେ, ଏହିପରି ବ୍ୟବହାର ଏହି ପ୍ରତ୍ୟାଖ୍ୟାନ ଅଧିନରେ ଅଛି ।

ସେପ୍ଟେମ୍ବର ୨୦୨୦ ସୁଦ୍ଧା ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା ଏବଂ ଇକ୍ୟୁଫ୍ୟାକ୍ସ ରିପୋର୍ଟ ପ୍ରସ୍ତୁତ କରିବାରେ ଇକ୍ୟୁଫ୍ୟାକ୍ସ ଯୁକ୍ତିଯୁକ୍ତ ଯତ୍ନ ନେଉଥିବା ବେଳେ ଅଣୁଅର୍ଥ ସଂସ୍ଥା ଦ୍ୱାରା ଦାଖଲ ହୋଇଥିବା ଭୁଲ କିମ୍ବା ଅନୁପଯୁକ୍ତ ତଥ୍ୟ ହେତୁ ଦେଖାଦେଉଥିବା ଜଟିଳତା, ତ୍ରୁଟି ଏବଂ/ କିମ୍ବା ତ୍ରୁଟି ପାଇଁ ଏହା ଦାୟୀ ରହିବ ନାହିଁ । ଅଧିକନ୍ତୁ ଇକ୍ୟୁଫ୍ୟାକ୍ସ ରିପୋର୍ଟରେ ଥିବା ତଥ୍ୟର ପର୍ଯ୍ୟାପ୍ତତା କିମ୍ବା ସମ୍ପୂର୍ଣ୍ଣତା ଏବଂ / କିମ୍ବା କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଏହାର ଉପଯୁକ୍ତତା ଗ୍ୟାରେଣ୍ଟି ଦିଏ ନାହିଁ କିମ୍ବା ରିପୋର୍ଟ ଉପରେ କୌଣସି ପ୍ରବେଶ କିମ୍ବା ନିର୍ଭରଶୀଳତା ପାଇଁ ଇକ୍ୟୁଫ୍ୟାକ୍ସ ଦାୟୀ ନୁହେଁ ଏବଂ ଏହିପରି ସମସ୍ତ ଦାୟିତ୍ୱ ପ୍ରଦାନକୁ ଇକ୍ୟୁଫ୍ୟାକ୍ସ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରେ । ଏହି ରିପୋର୍ଟ ପ୍ରତ୍ୟାଖ୍ୟାନ / ଅଗ୍ରାହ୍ୟ କିମ୍ବା କୌଣସି ପ୍ରୟୋଗ, ଉତ୍ପାଦ କିମ୍ବା ଇକ୍ୟୁଫ୍ୟାକ୍ସ ଦ୍ୱାରା କୌଣସି ସୁପାରିଶ ନୁହେଁ ତାହା ସେହି ଜିନିଷ ପାଇଁ ଯାହା ମଧ୍ୟରେ ରହିଛି, ୧– ଋଣ ଦେବା କିମ୍ବା ଋଣ ନଦେବା ଏବଂ ୨– ସମ୍ପୃକ୍ତ ବ୍ୟକ୍ତିଙ୍କ ସହିତ କୌଣସି ଆର୍ଥିକ କାରବାରରେ ପ୍ରବେଶ କିମ୍ବା ପ୍ରବେଶ ନ କରିବା ପାଇଁ । ସଂସ୍ଥା ରିପୋର୍ଟରେ ଥିବା ସୂଚ଼ନା ପରାମର୍ଶ ଗଠନ କରେ ନାହିଁ ଏବଂ ଉପଭୋକ୍ତା ସମସ୍ତ ଆବଶ୍ୟକୀୟ ବିଶ୍ଳେଷଣ କରିବା ଉଚ଼ିତ ଯାହା ଏହି ରିପୋର୍ଟରେ ଥିବା ସୂଚ଼ନା ଉପରେ ଆଧାର କରି କୌଣସି ନିଷ୍ପତି ନେବା ପୂର୍ବରୁ ତାଙ୍କ ମତରେ ଚ଼ତୁର ଅଟେ । ରିପୋର୍ଟର ବ୍ୟବହାର କ୍ରେଡ଼ିଟ୍ ସୂଚ଼ନା କମ୍ପାନୀ (ନିୟମାବଳୀ) ଅଧିନିୟମ ୨୦୦୫, କ୍ରେଡ଼ିଟ୍ ସୂଚ଼ନା କମ୍ପାନୀ ୨୦୦୬, କ୍ରେଡ଼ିଟ୍ ସୂଚ଼ନା ନିୟମାବଳୀ ଧାରା ୨୦୦୬ ଦ୍ୱାରା ପରିଚ଼ାଳିତ । ରିପୋର୍ଟର କୌଣସି ଅଂଶର ନକଲ, ପ୍ରସାରିତ ଏବଂ ପ୍ରକାଶନ ପୂର୍ବ ଅନୁମୋଦନ ବିନା ହୋଇପାରିବ ନାହିଁ ।

## ଯୋଗାଯୋଗର ସମ୍ପୂର୍ଣ୍ଣ ବିବରଣୀ :

ଇକ୍ୟୁଫ୍ୟାକ୍ସ କ୍ରେଡ଼ିଟ୍ ଇନଫରମେସନ୍ ସର୍ଭିସେସ୍ ପ୍ରା.ଲିଃ

ଉନ୍ନିତ ନଂ. ୯୩୧, ତୃତୀୟ ମହଲା, ବିଲଡ଼ିଂ ନଂ.-୯,
ସଲିଟେୟାର କର୍ପୋରେଟ୍ ପାର୍କ, ଅନ୍ଧେରୀ ଘଟକୋପର, ଲିଙ୍କରୋଡ଼,
ଅନ୍ଧେରୀ (ପୂର୍ବ), ମୁମ୍ବାଇ – ୪୦୦୦୯୩

ନିଃଶୁଳ୍କ ନଂ.- ୧୮୦୦୨୦୯୩୨୪୭
ecissupport@equifax.com

ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ

ସ୍ୱାବଲମ୍ବନ ଭବନ, ପ୍ଲଟ ନଂ. ସି–୧୧, 'ଜି' ବ୍ଲକ୍,
ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ପୂର୍ବ),
ମୁମ୍ବାଇ – ୪୦୦୦୫୧, ମହାରାଷ୍ଟ୍ର

ନିଃଶୁଳ୍କ ନଂ.-୧୮୦୦୨୨୬୭୫୩
www.sidbi.in/en

Copyright © 2020, Equifax Inc., Atlanta, Georgia. All rights reserved. Equifax is a registered trademarks of Equifax Inc.